# ଡଙ୍ଗାରେ ସୁବର୍ଣ୍ଣରେଖାରୁ ଚୋରା ବାଲି ଉତ୍ତୋଳନ

**ଜଳେଶ୍ୱର, ୧୯।୨ (ସମିସ)**



**ସନ୍ଧ୍ୟା ପରେ ହେଉଛି ଚାଲାଣ, ପ୍ରଶାସନ ନିରବଦ୍ରଷ୍ଟା**

ଜଳେଶ୍ୱର ସୁବର୍ଣ୍ଣରେଖା ନଦୀ କୂଳ ଅଞ୍ଚଳରେ ବାଲି ମାଫିଆ ମାନେ ଦୀର୍ଘ ଦିନ ଧରି ମେସିନ ଦ୍ୱାରା ବାଲି ଉତ୍ତୋଳନ କରି ଚୋରା ଚାଲାଣ କରି ଆସୁଥିଲେ। ଜନସାଧାରଣଙ୍କ ବହୁ ଅଭିଯୋଗ ହେବା ଫଳରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜଳେଶ୍ୱର ଥାନା ପକ୍ଷରୁ ଚଢ଼ାଉ କରି ମେସିନ ଗୁଡ଼ିକ ଜବତ କରି ସେମାନଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ବାଲି ମାଫିଆ ମାନେ ଏବେ ଦିନରାତି ଅଭିନବ ଢ଼ଙ୍ଗରେ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ଶହ ଶହ ଡଙ୍ଗା ଦ୍ୱାରା ବାଲି ଉତ୍ତୋଳନ କରୁଛନ୍ତି। ବାଲି ଉତ୍ତୋଳନ କରିବା ପରେ ଉକ୍ତ ବାଲିକୁ ନଦୀ କୂଳରେ ଠୁଳ କରି ରଖୁଛନ୍ତି। ସନ୍ଧ୍ୟା ପରେ ଶହ ଶହ ଟ୍ରାକ୍ଟର ଦ୍ୱାରା ଠୁଳ ହୋଇଥିବା ବାଲି ଉପାନ୍ତ ପଶ୍ଚିମବଙ୍ଗ ଓ ଅନ୍ୟ ସ୍ଥାନକୁ ସରକାରଙ୍କ ଟିକସକୁ ଫାଙ୍କି ଦେଇ ପ୍ରଶାସନର ବିନା ପରମିଟରେ ଚାଲାଣ କରା ଯାଉଛି। ଯାହାକି ସରକାର କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ଏଭଳି ବାଲି ଉତ୍ତୋଳନ ପାଇକସିଦା ଗ୍ରାମ ପଞ୍ଚାୟତର ବାଲିକବାର୍ଡ ନଦୀତଟ ଓ ନଦୀର ଓପର ତଟ ନଦୀ ଗର୍ଭରୁ ଡଙ୍ଗା ଦ୍ୱାରା ବାଲି ଉତ୍ତୋଳନ ହେଉଥିବା ଦେଖା ଦେଇଛି। ସେହିଭଳି ଉତ୍ତରପଡ଼ା, ରେଳା, ନମକାନା, ରାୟାଁରାମଚନ୍ଦ୍ରପୁର, ଏକତାଳି ଚାଲନ୍ତି, ଶିଖରପୁର, ଶ୍ରୀରାମପୁର ରାଇବଣିଆ ଅଞ୍ଚଳର କେତେକ ସ୍ଥାନରେ ସୁବର୍ଣ୍ଣରେଖା ନଦୀ ଗର୍ଭରୁ ବାଲି ଉତ୍ତୋଳନ କରି ଟ୍ରାକ୍ଟର ଜରିଆରେ ପଶ୍ଚିମବଙ୍ଗ ଓ ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ ହେଉଥିବା ବେଳେ ଖଣି ବିଭାଗ, ତହସିଲଦାର ଓ ଜଳେଶ୍ୱର ଥାନା ଓ ରାଇବଣିଆ ଥାନା ପୁଲିସ ନୀରବଦ୍ରଷ୍ଟା ସାଜିଛି।

## ଭୋଗରାଇ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ସାଂଗଠନିକ ବୈଠକ



**ଭୋଗରାଇ, ୧୯।୨(ସମିସ) :** ଭୋଗରାଇ ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତର ଥିବା ଶିକ୍ଷକ ଭବନରେ ଭୋଗରାଇ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ସଭାପତି ଗୋପବନ୍ଧୁ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପେନସନଧାରୀ ମାନଙ୍କୁ ଚିକିତ୍ସାଭତ୍ତା ପୂର୍ବ ଭଳି ବରିଷ୍ଠ ନାଗରିକ ମାନଙ୍କୁ ରେଳ ଯାତ୍ରାରେ ରିହାତି ପୁନଃ ପ୍ରଚଳନ, ପେନସନ ଧାରୀ ମାନଙ୍କୁ କେନ୍ଦ୍ର ଅନୁରୁପ ସର୍ବନିମ୍ନ ୧୦ ହଜାର ଟଙ୍କା ପେନସନ ନିର୍ଦ୍ଧାରଣ, ଅତିରିକ୍ତ ପେନସନ ଲାଭ ପାଇଁ ୬୫ ବର୍ଷରୁ ଲାଗୁ କରିବା ନେଇ ସରକାରଙ୍କ ନିକଟରେ ଦାବୀ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପ୍ରାକ୍ତନ ଶିକ୍ଷକ ନବକୃଷ୍ଣ ଦେ ଗତ ବୈଠକର ବିବରଣୀ ପାଠ କରିଥିବା ବେଳେ ରଘୁନାଥ ମହାନ୍ତି, ପରିମଳ ମହାନ୍ତି, ଦିପେଶ ଚନ୍ଦ୍ର ରାୟ, ଜୟକୃଷ୍ଣ ରଣା, ଅଧିର ଚନ୍ଦ୍ର ଦତ୍ତ, ସୀତାରାମ ପ୍ରଧାନ, ଦୀପକ ଜେନା, ରବୀନ୍ଦ୍ର ପ୍ରଧାନ, ବୀର କିଶୋର ଜେନା, ଶ୍ରୀନିବାସ ପ୍ରଧାନ, ଲକ୍ଷ୍ମୀକାନ୍ତ ପ୍ରଧାନ, ହରେନ୍ଦ୍ର ଭୋଳ, ନଟରଞ୍ଜନ ଘାଡାଇ, ଅତୁଲ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋସେବା ଓ ସୁରକ୍ଷା ସମିତି ପକ୍ଷରୁ ଦାବିପତ୍ର



**ରାଜଘାଟ, ୧୯।୨ (ସମିସ):** ବସ୍ତା ବ୍ଲକ ବାହାର୍ଦା ବସ୍ତି ଅଞ୍ଚଳରୁ ଗତ ୧୬ ତାରିଖ ବିଳମ୍ବିତ ରାତ୍ରିରେ ଗୋଚାଲାଣ ହେଉଥିବାର ଖବର ପାଇ ପୁଲିସ ସହାୟତାରେ ଗୋଚାଲାଣକୁ ରୋକାଯାଇଥିଲା। ଗୋଶାଳା ପହଞ୍ଚିବା ବେଳକୁ କିଛି ଗୋବଂଶ ମୃତ୍ୟୁମୁଖରେ ପଡ଼ିବା ଓ ଉଦ୍ଧାର ହୋଇଥିବା ସମସ୍ତ ଗୋବଂଶ ଗୋଶାଳା ପହଞ୍ଚି ନ ପାରିବାର ଅଭିଯୋଗ ହୋଇଥିଲା। ସାରା ରାଜ୍ୟରେ ବିଶେଷକରି ସୀମାନ୍ତବର୍ତ୍ତି ଜିଲ୍ଲା ବାଲେଶ୍ୱର ଅନ୍ତର୍ଗତ ବ୍ଲକ୍ ଯେମିତି କି ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇରୁ ପ୍ରତ୍ୟହ ସହସ୍ର ସଂଖ୍ୟାରେ ଗୋବଂଶ ପଶ୍ଚିମବଙ୍ଗ ଏବଂ ବାଂଲାଦେଶକୁ ଅତ୍ୟନ୍ତ ନୃଶଂସ ଭାବରେ ବେଆଇନ୍ ଚାଲାଣ ହୋଇଆସୁଅଛି। ଗୋଚାଲାଣକୁ ରୋକିବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତି ବିଭିନ୍ନ ସମୟରେ ଦାବି କରିବା ସହିତ ପ୍ରଶାସନକୁ ଖବର କରିବା ପରେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏ ନେଇ ଗୋ ସେବା ଓ ସୁରକ୍ଷା ସମିତି ପକ୍ଷରୁ ୧୭ ତାରିଖରେ ବସ୍ତାରେ ଏକ ସାମ୍ବାଦିକ ସମ୍ମିଳନୀ ଓ ଗତକାଲି ୧୮ ତାରିଖ ବାଲେଶ୍ୱର ଡିଆଇଜି ଡ. ସତ୍ୟଜିତ୍ ନାୟକ ଏବଂ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କୁ ଦଶ ଦଫା ଦାବୀ ସମ୍ବଳିତ ଏକ ପତ୍ର ସମିତିର ସଦସ୍ୟମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଡି.ଆଇ.ଜି. ସମସ୍ତ ବିଷୟକୁ ଅତି ସକରାତ୍ମକ ଭାବେ ଶୁଣିବା ସହ ବେଆଇନ୍ ଗୋଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବାର ଆଶ୍ୱାସନା ଦେଇଥିଲେ। ସେମିତି ଜିଲ୍ଲାପାଳ ମଧ୍ୟ ଏ ବାବଦରେ ଅବଗତ ଅଛନ୍ତି ଏବଂ ଏହାକୁ ବନ୍ଦ କରିବାର ସବୁ ପ୍ରକାର ପ୍ରୟାସ କରାଯିବାର ଭରସା ଦେଇଥିଲେ। ବିଭିନ୍ନ ଦାବୀ ମଧ୍ୟରୁ ଜାତୀୟ ରାଜପଥରେ ରାତ୍ରିରେ ପାଟ୍ରୋଲିଂକୁ ବଢ଼ାଇବା, ଗୋଚାଲାଣ ସଂପର୍କରେ ଖବର ପାଇଲେ ତ୍ୱରିତ୍ ପଦକ୍ଷେପ ନେବା, ଗୋ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ପୋଲିସ ଦ୍ୱାରା ଅଯଥାରେ ହଇରାଣ ନକରିବା, ଜାତୀୟ ରାଜପଥରେ ହାଇ ରିଜଲ୍ୟୁସନ୍ ସିସିଟିଭି ଲଗାଇ ଗୋଚାଲାଣ ସହିତ ଅନ୍ୟ ଅପରାଧିକ ଗତିବିଧି ଉପରେ କଡ଼ା ନଜର ରଖିବା, ଗୋ ସୁରକ୍ଷାକାରୀ ମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଇତ୍ୟାଦି ଅଟେ। ଏହି ପ୍ରତିନିଧି ଦଳରେ ଓଡିଶା ପ୍ରାଇଡର ପ୍ରତିଷ୍ଠାତା ମାନସ ଦାସ, ସୂର୍ଯ୍ୟ ନାରାୟଣ ସାହୁ, ନିହାର ରଞ୍ଜନ ବେହେରା, ଦିବାକର ରାଉତ, ଜ୍ୟୋତିର୍ମୟ ନନ୍ଦ, ବିନୟ କେତନ ଜେନା, ବିଶ୍ୱଜିତ ଧଳ, ଦେବାଶିଷ କବି ଓ ସରୋଜ ମହାନ୍ତି ଉପସ୍ଥିତ ଥିଲେ।

## ସରପଞ୍ଚଙ୍କ ବିୟୋଗରେ ବ୍ୟବସାୟୀ ସଂଘର ଶ୍ରଦ୍ଧାଞ୍ଜଳି



**ଚନ୍ଦନେଶ୍ୱର, ୧୯।୨ (ସମିସ) :** ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ସରପଞ୍ଚ ସୁଷମା ରାଣୀ ପଣ୍ଡାଙ୍କ ବିୟୋଗରେ ଚନ୍ଦନେଶ୍ୱର ବଜାରର ବ୍ୟବସାୟୀ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ସନ୍ଧ୍ୟାରେ ପରିବା ବ୍ୟବସାୟୀ ସଂଘ ତରଫରୁ ଦୋକାନ ବଜାର ବନ୍ଦ ରଖି ବଜାର ମଧ୍ୟରେ ଏନେଇ ଆୟୋଜିତ ସଭାକୁ ବରିଷ୍ଠ ବ୍ୟବସାୟୀ ଚନ୍ଦନ ଦାସ ସଂଚାଳନ କରିଥିଲେ। ହୁଗୁଳି ସମିତି ସଦସ୍ୟ ଗୋବିନ୍ଦ ଦାସ ଯୋଗଦେଇ ପଂଚାୟତବାସୀଙ୍କ ପ୍ରତି ତାଙ୍କ ଭଲପାଇବା, କର୍ତ୍ତବ୍ୟ ଓ କାର୍ଯ୍ୟଶୈଳୀ ସମ୍ପର୍କରେ କହିଥିଲେ। ସ୍ୱର୍ଗତ ସରପଞ୍ଚ ସୁଷମା ରାଣୀ ପଣ୍ଡା ଥିଲେ ଗ୍ରାମପଞ୍ଚାୟତର ଲକ୍ଷ୍ମୀ ତାଙ୍କ ଅବର୍ତ୍ତମାନରେ ସମସ୍ତଙ୍କୁ ଧୈର୍ଯ୍ୟ ଧରିବାପାଇଁ ବରିଷ୍ଠ ସାମ୍ବାଦିକ ସୁବାସ ଦାସ ନିବେଦନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ନାଏବ ସରପଞ୍ଚ ବିଭୁତି ପ୍ରଧାନ, ବନମାଳୀ ପାଳ, ପ୍ରଶାନ୍ତ ଗିରି, ପ୍ରଭାତ ଗିରି, ଫିଂଟୁ ଦାସ, ଜଗନ୍ନାଥ ଗିରି, ସର୍ବେଶ୍ୱର ପାତ୍ର, ପରିମଳ ବାରିକ, ସୁକୁମାର ବାରିକ, ବେଣୁଧର ଦାସ, ସାମ୍ବାଦିକ ଅନନ୍ତ କୁମାର ପ୍ରଧାନ, ରାଧାକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ତାଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଶେଷରେ କାର୍ତ୍ତିକେଶ୍ୱର ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମସ୍ତେ ଦିବଂଗତ ପଣ୍ଡାଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ନିରବ ପ୍ରାର୍ଥନା କରିଥିଲେ।

## ସ୍ୱାସ୍ଥ୍ୟ ଶିବିର ଓ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ ପ୍ରସ୍ତୁତି




**ସୋର,୧୯।୨(ସମିସ):** ସୋର ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ ଏବଂ ଦେୟମୁକ୍ତ ସ୍ୱାସ୍ଥ୍ୟ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ କର୍ମଚାରୀ ଭବନରେ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି।ଜାତୀୟ ରାଜପଥର ସୋର କଲେଜ ଛକ ଓ ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ ପାଇଁ ନୂତନ ଭାବେ ଟେଣ୍ଡର ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ମଞ୍ଚ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ନାଗରିକ ମଞ୍ଚର ଚତୁର୍ଥ ବାର୍ଷିକ ସମ୍ମିଳନୀ ଅବସରରେ ବୟସ୍କ ନାଗରିକ ମାନଙ୍କ ପାଇଁ ଏକ ଦେୟ ମୁକ୍ତ ସ୍ୱାସ୍ଥ୍ୟ ଶିବିର ଚଳିତ ମାସ ୨୩ ତାରିଖ ଦିନ ସକାଳ ୯ ଟାରେ ଡାକ୍ତର ସୁକାନ୍ତ ସାହୁଙ୍କ ସହଯୋଗରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଅନ୍ୟ ପକ୍ଷରେ ବିଗତ ୨୨ ବର୍ଷ ଧରି ସୋର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଜନହିତକର ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ସମ୍ପାଦନ କରାଇବାରେ ସୋର ନାଗରିକ ମଞ୍ଚ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିବା ବେଳେ,ଅନେକ ଅସମାହିତ କାର୍ଯ୍ୟ ମଧ୍ୟ ରହିଛି। ଯାହାକି ଏହି ବାର୍ଷିକ ସମ୍ମିଳନୀ ଅବସରରେ କାର୍ଯ୍ୟ ଗୁଡ଼ିକ ପୂର୍ଣ୍ଣାଙ୍ଗ ଦିଗରେ ଦୃଢ ନିଷ୍ପତ୍ତି ଗ୍ରହଣ କରାଯିବ। ଏହି ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲା ପ୍ରଶାସନଙ୍କ ସମେତ ବିଶିଷ୍ଟ ସମାଜ ସେବି,ରାଜନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାକୁ ସହମତି ପ୍ରକାଶ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ମଞ୍ଚର ସମ୍ପାଦକ ନରହରି ନାୟକ, ଉପ ସଭାପତି ନବକିଶୋର ଦାସ, ମାୟାଧର ନାୟକ, ପ୍ରଦୀପ କୁମାର ଦାଶ, ଇଂ ଦିବାକର ଦଳାଇ, କଟଚନ୍ଦ୍ର ବେହେରା, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଅନାମ ପ୍ରସାଦ ବାରିକ, ଅନିରୁଦ୍ଧ ପାଢ଼ୀ, ଉଦ୍ଧବ ଚରଣ ବିଶ୍ୱାଳ, ଦାମୋଦର ଦାଶ ମହାପାତ୍ର, ମନୋଜ କୁମାର ରାୟ ,ସୁରେନ୍ଦ୍ର ପାଣିଗ୍ରାହୀ, ପଞ୍ଚାନନ ଶିଅଳ, ଗଙ୍ଗାଧର ପାଢ଼ୀ, ଶ୍ରୀଧର ପତ୍ରି, କମଳାକାନ୍ତ ତିଆଡ଼ି, ରବିନାରାୟଣ ନନ୍ଦ, ଅଦୈତ୍ୟ କୁମାର କର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରି ଥିବା ବେଳେ ନିତ୍ୟାନନ୍ଦ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଦିବାସୀ ମହିଳାଙ୍କ ମିଳୁନି ପତ୍ତା

**ବାଲିଆପାଳ, ୧୯।୨(ସମିସ):** ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧିନସ୍ଥ ମଇଁଷାମୁଣ୍ଡା ଗ୍ରାମର ଶିନ ଟୁଡୁଙ୍କ ଝିଅ ବାସନ୍ତୀ ଟୁଡୁ (୪୫)ଆଜକୁ ଦଶଦିନ ହେବ ଘରୁ କେଉଁ ଆଡେ ଚାଲି ଯାଇଛନ୍ତି । ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ବି ତାଙ୍କର କୌଣସି ପତ୍ତା ମିଳିପାରୁନାହିଁ । ସେ ଆଂଶିକ ମାନସିକ ବିକୃତ ହୋଇଥିବାରୁ ପରିବାର ଲୋକେ ବାସନ୍ତୀଙ୍କୁ ନ ପାଇ ଚିନ୍ତିତ ହୋଇପଡିଛନ୍ତି । ଏ ନେଇ ପରିବାର ତରଫରୁ ବାଲିଆପାଳ ଥାନାରେ ବୁଧବାର ଲିଖିତ ଏତଲା ଦିଆଯାଇଛି । ଯଦି କୌଣସି ବ୍ୟକ୍ତି ବାସନ୍ତୀଙ୍କ ଖବର ପାଆନ୍ତି ତେବେ ୮୦୯୩୯୦୮୧୦୨ ନମ୍ବରରେ ଯୋଗାଯୋଗ କରିବାକୁ ପରିବାର ତରଫରୁ ଅନୁରୋଧ କରାଯାଇଛି।

## ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର



**ସୋର,୧୯।୨(ସମିସ):** ଫକୀରମୋହନ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି, ସୋର ଶାଖା ପକ୍ଷରୁ ଏକ ଦାବିପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସୋର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟନାଥ ନାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି। ମୁଖ୍ୟତଃ ଫକୀରମୋହନ ମେଡିକାଲ କଲେଜରେ ହୃଦ୍‌ରୋଗ, ସ୍ନାୟୁ ରୋଗ, ମୁତ୍ରାଶୟ, ପେଟରୋଗ ବିଭାଗ ଖୋଲା ଯିବା ସହ ବିଶେଷଜ୍ଞ ଡାକ୍ତର ଓ ବୈଷୟିକ କର୍ମଚାରୀ ନିଯୁକ୍ତି, ମାନସିକ ଓ ଅଗ୍ନି ଦଗ୍ଧକ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ, ଡାକ୍ତରୀ ଶିକ୍ଷା ପାଇଁ ଶହେ ସିଟ୍‌କୁ ଦେଢ଼ ଶହ ସିଟକୁ ବୃଦ୍ଧି କରିବା, ବାଲେଶ୍ୱର ଏମ୍ସ ସେଟଲାଇଟ ହସ୍ପିଟାଲ ବହିଃ ବିଭାଗକୁ ସପ୍ତାହ ବ୍ୟାପି ରୋଗୀ ଦେଖିବା ଓ ପ୍ରସ୍ତାବିତ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତର ଖାନା ସହ ସମସ୍ତ ପରୀକ୍ଷା ନିରୀକ୍ଷା ଇକୋ କାର୍ଡିଓଗ୍ରାମ ମେସିନ ବ୍ୟବସ୍ଥା କରିବା ଏବଂ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବଶିଷ୍ଟ ମଞ୍ଜୁରୀ ପ୍ରାପ୍ତ ୬ ଜଣ ନିୟମିତ ବହିଃବିଭାଗ ଡାକ୍ତର ନିଯୁକ୍ତି ଦେବା, ଅବଶିଷ୍ଟ ୨ ଜଣ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରବା ଓ ୧୦ ଜଣ ନିୟମିତ ଷ୍ଟାଫ ନର୍ସଙ୍କୁ ନିଯୁକ୍ତିଦେବା ସହ ସୋର ଡାକ୍ତରଖାନାରେ ରକ୍ତ ସଂରକ୍ଷଣ ବ୍ୟବସ୍ଥା ଏବଂ କୁକୁର କାମୁଡା ଔଷଧ ମହଜୁଦ ପାଇଁ ଦାବି କରାଯାଇଛି। ଅଞ୍ଚଳ କମିଟିର ସଭାପତି ନବକିଶୋର ଦାସଙ୍କ ନେତୃତ୍ୱରେ ମାୟାଧର ନାୟକ, ଦାମୋଦର ଦାଶ ମହାପାତ୍ର, ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ, ଗଙ୍ଗାଧର ପାଢ଼ୀ, କମଳାକାନ୍ତ ପାଢ଼ୀ, ଅନାମ ପ୍ରସାଦ ବାରିକ, ଅନିରୁଦ୍ଧ ପାଢ଼ୀ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

## ନୋସିରେ ଫେସ୍‌ବୁକ୍ କବିତା ଆସର ପ୍ରସ୍ତୁତି ବୈଠକ



**ବାଲେଶ୍ୱର,୧୯।୨(ସମିସ):** ସ୍ଥାନୀୟ ଗୋପବନ୍ଧୁ ପାର୍କରେ ନୋସି କଲଚୁରାଲ ଏକାଡେମିର ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁ ଦାସଙ୍କ ଆହ୍ୱାନ କ୍ରମେ ଫେସବୁକ କବିତା ଆସରର ୫୦ତମ ସୁବର୍ଣ୍ଣ ଆସର ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଉପସ୍ଥିତ କବି ଓ କବୟିତ୍ରୀଙ୍କ ନିଷ୍ପତ୍ତି କ୍ରମେ ଫକୀର ମୋହନ ସାହିତ୍ୟ ପରିଷଦର ସମ୍ପାଦକ ଡ. ରତ୍ନାକର ସିଂହ 'ସୁବର୍ଣ୍ଣ ଆସର'ର ସଭାପତି ଭାବରେ ମନୋନୀତ ହୋଇଥିବାବେଳେ ଗଗନ ସେଠୀ ମୁଖ୍ୟ ସଞ୍ଚାଳକ ଭାବରେ ମନୋନୀତ ହେଲେ। ନୋସିର ସଭାପତି ପି କେ ଦାବେ, ଉପସଭାପତି ସୁବ୍ରତ ନାୟକ, ଓରିପଲର ମୁଖ୍ୟ ଆକାଂକ୍ଷା ବେହେରା, ଇମାମିର ଜିଏମ ଏଚ ଆର ୟୁନୁସ୍ ସୋଲାଙ୍କୀ ପ୍ରମୁଖ ଉପଦେଷ୍ଟା ଭାବରେ ଗ୍ରହଣ କରାଯାଥିବା ବେଳେ ସଂଗଠକ ଭାବରେ ରଞ୍ଜିତ ପୃଷ୍ଟି, ସୁଶାନ୍ତ ପରିଡାଙ୍କୁ ଦାୟିତ୍ୱ ଦିଆଯାଇଛି। ୫୦ତମ ଫେସବୁକ କବିତା ଆସରର ସୁବର୍ଣ୍ଣ ଆସର ନୋସି ଉତ୍କଳା ମୁକ୍ତମଞ୍ଚ, ନୋସି ବିଜିନେସ ପାର୍କରେ ଆସନ୍ତା ୧ ଓ ୨ ତାରିଖ ଦୁଇ ଦିନ ଧରି ପାଳନ କରାଯିବା ପାଇଁ ସ୍ଥିର କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ କବିତା ପାଠୋତ୍ସବ, ଶାସ୍ତ୍ରୀୟ ସଙ୍ଗୀତ ଆସର, ସାମ୍ପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମର କବିତାର ଭୂମିକା ସମ୍ବନ୍ଧୀୟ ଆଲୋଚନା, ନିମନ୍ତ୍ରିତ ବିଶିଷ୍ଟ କବିଙ୍କ କବିତା ପାଠୋତ୍ସବ ସହ ସମ୍ବର୍ଦ୍ଧନା ଉତ୍ସବ, ନୃତ୍ୟଗୀତର ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି କରାଯିବ ବୋଲି ସିଦ୍ଧାନ୍ତ ନିଆଯାଇଛି। ଏହି ବୈଠକରେ କବି ପ୍ରବୀର କମିଲା, ଅଜିମ ବାଲେଶ୍ୱରୀ, ଦେବାଶିଷ ସିଂହ, ତୃପ୍ତିରାଣୀ ପାତ୍ର, କ୍ରିଷ୍ଣା ମହାନ୍ତି, ଝରଣା ଦାସ, ରଞ୍ଜିତ ଦାସ, ସୁବ୍ରତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ସାର୍ବଜନୀନ ସନ୍ତୋଷୀ ମାତା ପୂଜୋତ୍ସବ ଉଦ୍‌ଯାପିତ

**ଭୋଗରାଇ, ୧୯।୨ (ସମିସ)**



ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ସନ୍ତୋଷୀ ମା' ନିଉ ମାର୍କେଟ ଠାରେ ସନ୍ତୋଷୀ ମାତା ମନ୍ଦିର କମିଟି ପକ୍ଷରୁ ୮ ଦିନ ବ୍ୟାପୀ ଆୟୋଜିତ ହେଉଥିବା ୪୪ତମ ସାର୍ବଜନୀନ ସନ୍ତୋଷୀ ମାତା ପୂଜୋତ୍ସବ ସମାରୋହ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସନ୍ଧ୍ୟାର ସଭାରେ ଉତ୍ସବ କମିଟି ସଭ୍ୟ ଭବଶଙ୍କର ମହାନ୍ତି ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟଅତିଥି ଭାବେ ସନ୍ତୋଷୀ ମାତା ନିଉ ମାର୍କେଟ ସଭାପତି ହରେନ୍ଦ୍ର ନାଥ ଦାସ, ମୁଖ୍ୟବକ୍ତା ଭାବେ ରାମନଗର ପଞ୍ଚାୟତ ସମିତି ସଦସ୍ୟ ଦୀପକ ସାର, ବିଶିଷ୍ଟ ବକ୍ତାଭାବେ ୩୩ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ବକ୍ତା ସମାଜସେବୀ ଚିତ୍ତରଞ୍ଜନ ମହାନ୍ତି, ସମ୍ମାନିତ ଅତିଥିଭାବେ ଦେହୁର୍ଦ୍ଦା ସମବାୟ ସମିତିର ସମ୍ପାଦକ ନିତ୍ୟାନନ୍ଦ ମଣ୍ଡଳ, ଚିତ୍ରାନନ୍ଦ ପାଳ, ରାମନଗର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ, ସମାଜସେବୀ ତଥାଗତ ମିଶ୍ର ପ୍ରମୁଖ ଯୋଗ ଦେଇ ଆଧ୍ୟାବିକତାବାଦ ମାନବ ସମାଜକୁ ଶୃଙ୍ଖଳିତ କରେ ଏବଂ ସଂପୃକ୍ତ ଅଞ୍ଚଳର ଆଧ୍ୟାତ୍ମିକ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ଆହ୍ୱାନ ଦେଇଥିଲେ। କମିଟି ଉପସଭାପତି ପ୍ରଦୀପ କୁମାର ସେଠୀ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସୀମାନ୍ତ ହାଇସ୍କୁଲର ଶିକ୍ଷକ ରାଜକିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ବିଭିନ୍ନ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପୂଜା କମିଟିର ସଭାପତି ସୁବାଷ ଜେନା, ଉପସଭାପତି ପ୍ରଦୀପ କୁମାର ସେଠୀ, ସମ୍ପାଦକ ଅଶୋକ କୁମାର ଗିରି, ସୁଧାଂଶୁ ଶେଖର ଜେନା, ରାଜକିଶୋର ମହାନ୍ତି, ରବୀନ୍ଦ୍ର କୁମାର ଗିରି, ରଞ୍ଜନ କୁମାର ଗିରି, କାହ୍ନୁଚରଣ ଜେନା, ଗୌରୀଚରଣ ପାଳ, ବାପି ମହାନ୍ତି, କ୍ଷୁଦିରାମ ମହାନ୍ତି, ଉମେଶ ଗିରି, ମଦନ ପରିଡ଼ା, ମନ୍ମଥ ତୋଳା, ସୁବଳ ପାତ୍ର, ଜଗଦୀଶ ଦାସ, ହରିହର ରାଉଳ, ପୂର୍ଣ୍ଣଚନ୍ଦ୍ର ପାଳ ପ୍ରମୁଖ ପରିଚାଳନାରେ ଅଂଶ ଗ୍ରହଣ କରିଥିଲେ। ଆକର୍ଷଣୀୟ ମେଳା, ବିଦ୍ୟୁତ ଆଲୋକମାଳାର ସାଜସଜ୍ଜା, ବିପଣୀ ଓ ମୀନାବଜାର ଏହି ସମାରୋହରେ ମନୋରଞ୍ଜନକୁ ଆହୁରି ଅଧିକ ଖୋରାକ ଯୋଗାଇଥିଲା।



### ଧାନ ବେପାରୀଙ୍କ ଗୋଦାମରେ ଯୋଗାଣ ବିଭାଗର ଚଢ଼ଉ

# ୨୫୦ କୁଇଣ୍ଟାଲ ଧାନ ଜବତ



ବାଲେଶ୍ୱର, ୧୯।୨(ସମିସ)

କଳା ବଜାରରେ ଚାଷୀଙ୍କଠାରୁ କମ୍ ଦାମରେ ଧାନ କିଣି ଗଚ୍ଛିତ ରଖିଥିବା ଜଣେ ଧାନ ବେପାରୀଙ୍କ ଗୋଦାମ ଘର ଉପରେ ବାଲେଶ୍ୱର ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବୁଧବାର ଦିନ ବସ୍ତା ଥାନା ପୁଲିସ ସହାୟତାରେ ଚଢ଼ଉ କରାଯାଇଛି। ଏହି ଚଢ଼ଉରେ ୨୫୦କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଯୋଗାଣ ବିଭାଗ ଅଧିକାରୀମାନେ ଜବତ କରିଛନ୍ତି। ବସ୍ତା ଥାନା ଅନ୍ତର୍ଗତ ହଳଦୀପଦା ବାଇପାସ ନିକଟସ୍ଥ ହନୁମାନ ମନ୍ଦିର ଛକଠାରେ ଥିବା ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଧାନ ଗୋଦାମ ଘର ଉପରେ ଆଜି ମଧ୍ୟାହ୍ନରେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ସଲ୍ଲାଉଦ୍ଦିନ ଖାଁଙ୍କ ସହିତ ବିଭାଗୀୟ ଅଧିକାରୀମାନେ ପୁଲିସ ସହାୟତାରେ ଚଢ଼ଉ କରିଛନ୍ତି। ଧାନ ବେପାରୀ ଶ୍ରୀ ସାହୁ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣି ନିଜ ଗୋଦାମରେ ଗଚ୍ଛିତ ରଖିବା ପରେ ପଶ୍ଚିମବଙ୍ଗର ମିଲର ମାନଙ୍କୁ ଅଧିକ ଦାମରେ ବିକ୍ରି କରିଥାଆନ୍ତି। ସମ୍ପୃକ୍ତ ଅଞ୍ଚଳର ସଚେତନ ନାଗରିକମାନଙ୍କ ଅଭିଯୋଗମୂଳେ ଆଜି ଯୋଗାଣ ବିଭାଗ ପକ୍ଷରୁ ଶ୍ରୀ ସାହୁଙ୍କ ଗୋଦାମ ଘର ଉପରେ ଚଢ଼ଉ କରାଯାଇଥିଲା। ଚଢ଼ଉବେଳେ ଗୋଦାମରେ ଗଚ୍ଛିତ ଥିବା ୨୫୦ରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଅଧିକାରୀମାନେ ଜବତ କରିଥିବା ଜଣାଯାଇଛି।

## ଘର ଭିତରକୁ ପଶିଗଲା ବରଯାତ୍ରୀ ବସ୍, ୧୦ ଆହତ




**ଖଇରା, ୧୯।୨(ସମିସ):** ଘର ଭିତରକୁ ପଶିଗଲା ବରଯାତ୍ରୀ ବସ୍। ଏଥିରେ ୧୦ଜଣ ଆହତ ହୋଇଥିବାବେଳେ ଅଳ୍ପକେ ବର୍ତ୍ତି ଗଲେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ। ଗତକାଲି ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି।

ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମିତ୍ରପୁର ଅଞ୍ଚଳର ଅସିତ ସାହୁ ଔପଦା ବ୍ଲକ ଅନ୍ତର୍ଗତ ଜହ୍ନିଆପଦା ଗ୍ରାମର ଗୌରାଙ୍ଗ ସାହୁଙ୍କ ଝିଅକୁ ବିବାହ ପାଇଁ ଯାଉଥିଲେ। ଶ୍ରୀ ଗଣେଶ ନାମକ ଘରୋଇ ବସ୍‌ରେ ୫୦ରୁ ଅଧିକ ବରଯାତ୍ରୀ ଯାଉଥିବାବେଳେ ଗଣ୍ଡିବେଡ ଔପଦା ରାସ୍ତାର ପାଣିସାଉଁଲି ଛକ ନିକଟରେ ଚାଳକଙ୍କ ଅସାବଧାନତା ଯୋଗୁଁ ନିକଟ ଏକ ଆଜବେଷ୍ଟସ ଦୋକାନ ଭିତରକୁ ବସ୍‌ଟି ପଶି ଯାଇଥିଲା। ଧକ୍କା ଯୋଗୁଁ ପ୍ରଚଣ୍ଡ ଶବ୍ଦ ଯୋଗୁଁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ଘରୁ ବାହାରକୁ ଆସି ବସ୍ ଭିତରେ ଥିବା ବରଯାତ୍ରୀ ମାନଙ୍କୁ ଉଦ୍ଧାର କରି ଖଇରା, ସୋର ଓ ଔପଦା ମେଡ଼ିକାଲକୁ ପଠାଇଥିଲେ। ୧୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ଥିବାର ଜଣାପଡ଼ିଛି। ଭାରସାମ୍ୟ ହରାଇ ବସ୍‌ଟି ଘରକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ଥିଲାବେଳେ ଖଇରା ପୁଲିସ ପହଞ୍ଚି ତଦନ୍ତ କରିଛି।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅଧାପନା ଅଧିବେଶନ

**ବାଲେଶ୍ୱର, ୧୯।୨(ସମିସ):** ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଆପ୍ଲାଏଡ୍ ମାଇକ୍ରୋବାୟୋ ଲୋଜି ବିଭାଗ ଦ୍ୱାରା ଏକ ଶ୍ରେଣୀଗୃହ ଅତିରିକ୍ତ ଅଧାପନା ଆୟୋଜିତ ହୋଇଯାଇଛି। ଆପ୍ଲାଏଡ୍ ମାଇକ୍ରୋବାୟୋଜି ବିଭାଗର ସଂଯୋଜକ ଡ଼କ୍ଟର ଏଲସା ପଣ୍ଡିତଙ୍କ ସ୍ୱାଗତ ସମ୍ବୋଧନ ସହିତ ଏହି ବୈଠକ ଆରମ୍ଭ ହୋଇଥିଲା। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଏନଏ ଯୁକ୍ତରାଷ୍ଟ୍ରର ଓମାସ୍ଥିତ ନେବରାସ୍କା ମେଡିକାଲ ୟୁନିଭରସିଟିର ଫାର୍ମାସି କଲେଜରେ କାର୍ଯ୍ୟରତ ଗବେଷକ ଓ ବୈଜ୍ଞାନିକ ଡ଼କ୍ଟର ନାରାୟଣୀ ପ୍ରସାଦ କର ଯୋଗଦେଇ ପ୍ରୋଟିନର ଗଠନ ଓ କାର୍ଯ୍ୟପ୍ରଣାଳୀ ପ୍ରସଙ୍ଗରେ ଏହି ମୂଲ୍ୟବାନ ଅଧାପନା ଓ ସଂଯୋଜିତ ଉପସ୍ଥାପନା ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଏହି ସମାବେଶକୁ ସମ୍ବୋଧିତ କରି ଜୈବ ପ୍ରଣାଳୀରେ ପ୍ରୋଟିନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଭାଗର ଆଡଜଙ୍କ୍ଟ ପ୍ରଫେସର ପ୍ରଫେସର ଅକ୍ଷୟ



କୁମାର ବସ୍ତିଆ ଏହି ସମାବେଶକୁ ସମ୍ବୋଧିତ କରିବା ସହ ଛାତ୍ରଛାତ୍ରୀମାନଙ୍କୁ କଥାବାର୍ତ୍ତାର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଡ଼କ୍ଟର ଏନପି କର, ଜୀବବିଜ୍ଞାନ କ୍ଷେତ୍ରରେ ପ୍ରୋଟିନର ଗତିଶୀଳ ପ୍ରକୃତି ସହିତ ଜୀବନର ଗଠନ ଏବଂ କାର୍ଯ୍ୟକାରିତା ଦିଗ ଗୁଡିକ ପୂରଣ କରିବା ପାଇଁ ବାୟୋମୋଲ୍ୟୁକୁଲ୍ ଭାବରେ ଏହାର ଭୂମିକା ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ। ଏହା ବ୍ୟତୀତ ସେ ଗବେଷଣାଗାର ଠାରୁ ଭୂମି ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ବିଷୟରେ ମଧ୍ୟ ଆଲୋଚନା କରିବା ସହିତ ଟ୍ରାନ୍ସମିସନାଲ ରିସର୍ଚ୍ଚ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧାପନା ଅଧିବେଶନରେ ୧୧୫ରୁ ଅଧିକ ବିଭିନ୍ନ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ତଥା ମୁଖ୍ୟତଃ ଜୈବ ବିଜ୍ଞାନ, ବାୟୋଟେକ୍ନୋଲୋଜି, ଆପ୍ଲାଏଡ୍ ମାଇକ୍ରୋବାୟୋଲୋଜି, ଉଦ୍ଭିଦ ଏବଂ ପ୍ରାଣୀ ବିଜ୍ଞାନର ଗବେଷଣାରତ ଛାତ୍ରଛାତ୍ରୀ ଏବଂ ଅଧାପକ-ଅଧାପିକା ମାନେ ଅଂଶଗ୍ରହଣ କରିଥିଲେ। ଏହି ବିଭାଗର ସହକାରୀ ପ୍ରଫେସର ଡ. ଶ୍ୱେତା ନାୟକ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ଼କ୍ଟର ସୁଭ୍ରକାନ୍ତ ଜେନା ଧନ୍ୟବାଦ ଜଣାଇଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବାଲେଶ୍ୱର, ୧୯।୨(ସମିସ):** ବାଲେଶ୍ୱର ସଦର ବ୍ଲକ ପକ୍ଷରୁ ବାଲେଶ୍ୱର ପୌରପାଳିକାର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଦିନ ତ୍ରୟୋଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ୨୦୨୪-୨୫ ଆୟୋଜିତ ହୋଇଛି। ଏହି ଦ୍ୱିଦିବସୀୟ ଅଭିଯାନ ଶିବିରରେ ବାଲେଶ୍ୱର ସଦର ବ୍ଲକ ଓ ପୌରପାଳିକାରେ ବସବାସ କରୁଥିବା ୧୩୫୪ଜଣ ଭିନକ୍ଷମ ନିଜ ନିଜର ପ୍ରମାଣପତ୍ର ପାଇବା ପାଇଁ ନାମ ପଞ୍ଜିକରଣ କରିବା ପୂର୍ବକ ବିଭିନ୍ନ ବିଭାଗୀୟ ଡାକ୍ତରଙ୍କ ଠାରେ ନିଜର ପରୀକ୍ଷା କରାଇଥିଲେ। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଚାରିଟି ବିଭାଗର ବିଶେଷଜ୍ଞ ଡାକ୍ତରମାନେ ପଞ୍ଜିକରଣ କରିଥିବା ଭିନ୍ନକ୍ଷମ ମାନଙ୍କ ପରୀକ୍ଷା କରିଥିଲେ। ଅସ୍ଥିଶଲ୍ୟ ବିଭାଗର ଡାକ୍ତର ସୁଭମ ଚୌଧୁରୀ ଓ ଡାକ୍ତର ରାଧାକାନ୍ତ ପଣ୍ଡା ଆଜି ଶିବିରରେ ୬୯୩ଜଣ ଭିନ୍ନକ୍ଷମଙ୍କ ପରୀକ୍ଷା



କରିଛନ୍ତି।ଚକ୍ଷୁ ବିଭାଗର ଡାକ୍ତର ସୁଜିତ କୁମାର ମହାପାତ୍ର ୨୧୪ଜଣଙ୍କ ପରୀକ୍ଷା କରିଛନ୍ତି। କର୍ଣ୍ଣ ନାସା ଓ ଗଳା ବିଭାଗର ଡାକ୍ତର ଗିରିଜା ଶଙ୍କର ମହନ୍ତ ୨୨୬ଜଣ ଭିନ୍ନକ୍ଷମଙ୍କ ପରୀକ୍ଷା କରିଛନ୍ତି।ସେହିଭଳି ଡାକ୍ତର ପ୍ରଦୀପ କୁମାର ନାୟକ ୨୨୧ଜଣ ମାନସିକ ଅନଗ୍ରସର ଭିନ୍ନକ୍ଷମଙ୍କ ପରୀକ୍ଷା କରିଛନ୍ତି। ଶିବିରର ପ୍ରଥମ ଦିବସରେ ମୋଟ ୧୩୫୪ଜଣ ଭିନକ୍ଷମଙ୍କ ନାମ ପଞ୍ଜିକରଣ କରାଯିବା ପୂର୍ବକ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇଛି। ଏହି ଶିବିର ବାଲେଶ୍ୱର ସଦର ବିଡ଼ିଓ ଉତ୍ତମ କୁମାର ଜେନା ଓ ସାମାଜିକ ସୁରକ୍ଷା ଅଧିକାରିଣୀ ଶର୍ମିଷ୍ଠା ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିଲାବେଳେ ପ୍ରକାଶ ଚନ୍ଦ୍ର ଜେନା ପରିଚାଳନାରେ ସହଯୋଗ କରିଛନ୍ତି।ବୁଧବାର ପୂର୍ବାହ୍ନ ଦଶଟା ଠାରୁ ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ ଏହି ଶିବିର ଚାଲିଥିଲା। ପ୍ରାୟତଃ ତିନି ହଜାରରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ବ୍ୟକ୍ତି ନିଜନିଜର ଅଭିଭାବକ ମାନଙ୍କ ସହିତ ସକାଳ ଠାରୁ ମ୍ୟୁନିସିପାଲ ବିଦ୍ୟାଳୟ ପରିସରରେ ଲମ୍ବା ଧାଡିରେ ଛିଡାହେଇ ନାମ ପଞ୍ଜିକରଣ କରିବା ସହିତ ଡାକ୍ତରୀ ପରୀକ୍ଷା କରାଇ ଥିଲେ। ଶତାଧିକ ଭିନ୍ନକ୍ଷମ ଗହଳି ଯୋଗୁଁ ଆଜି ନାମ ପଞ୍ଜୀକରଣ କରି ନଥିବା ଦେଖାଯାଇଛି।

## ମା'କୁ ଠେଙ୍ଗାରେ ପିଟି ମାରିଦେଲା ପୁଅ

**ନୀଳଗିରି, ୧୯।୨(ସମିସ):** ପାରିବାରିକ କଳହକୁ କେନ୍ଦ୍ରକରି ମା'କୁ ଠେଙ୍ଗାରେ ପିଟି ମାରିଦେଲା ପୁଅ। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜାମୁଡିହା ପଞ୍ଚାୟତ ବାଘମରା ଗାଁରେ। ଗ୍ରାମର ସ୍ୱର୍ଗତ ବାବାଜୀ ସିଂଙ୍କ ସ୍ତ୍ରୀ ଶଙ୍କି ସିଂ(୪୮) ଓ ପୁଅ ଦୁର୍ଗା ସିଂ (୨୫) ଙ୍କ ମଧ୍ୟରେ ଆଜି ଅପରାହ୍ନରେ କୌଣସି ଘଟଣାକୁ ନେଇ ଝଗଡ଼ା ହୋଇଥିଲା।

ଏଥିରେ ଉତ୍ତ୍ୟକ୍ତ ହୋଇ ପୁଅ ଦୁର୍ଗା ମା'କୁ ଠେଙ୍ଗାରେ ନିସ୍ତୁକ ପିଟିଥିଲା। ଫଳରେ ଘଟଣାସ୍ଥଳରେ ମା' ଶଙ୍କିର ମୃତ୍ୟୁ ହୋଇଯାଇଥିଲା।

ଖବର ପାଇ ନୀଳଗିରି ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ, ନୀଳଗିରି ଥାନା ଆଇଆଇସି ସୁବର୍ଣ୍ଣା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଘଟଣା ସ୍ଥଳରୁ ପୁଅ ଦୁର୍ଗାକୁ କାବୁ କରି ନୀଳଗିରି ଥାନାକୁ ଆଣି ପଚରାଉଚରା କରୁଥିବା ବେଳେ ବ୍ୟବହୃତ ଠେଙ୍ଗାକୁ ପୁଲିସ ଜବତ କରିଛି। ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ପୁଲିସ ତଦନ୍ତ ଜାରି ରଖିଛି।

## ଜିଲ୍ଲା ବ୍ରାହ୍ମଣ ସମିତିର କାର୍ଯ୍ୟକାରିଣୀ ବୈଠକ

**ବାଲେଶ୍ୱର, ୧୯ ।୨(ସମିସ):** ଜିଲ୍ଲା ବ୍ରାହ୍ମଣ ସମିତିର ଜିଲ୍ଲା କାର୍ଯ୍ୟକାରିଣୀର ନୂତନ ବର୍ଷର ପ୍ରଥମ ବୈଠକ ଦାମୋଦରପୁରସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଶ୍ରୀଶ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ଦାଶ ଗତ ବୈଠକର ବିବରଣୀ ପାଠ କରିଥିଲେ। ସରକାରୀ ଅନୁଦାନରେ ନିର୍ମାଣାଧୀନ ଗୃହକାର୍ଯ୍ୟରେ ଆୟବ୍ୟୟର ବିବରଣୀ ଶ୍ରୀ ଦାଶ ଉପସ୍ଥାପିତ କରିଥିଲେ। ଜିଲ୍ଲା ଓ ବିଭିନ୍ନ ବ୍ଲକ କମିଟିର ସଙ୍ଗଠନ ସମ୍ପର୍କରେ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ ଓ ଗୌରସାଧନ ମିଶ୍ର, ଡ. ଯଦୁନାଥ ମିଶ୍ର, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଆଲୋଚନା କରିଥିଲେ। ସମାଜରେ ଘଟୁଥିବା ଅନ୍ୟାୟ, ଅନୀତି ଓ ଅବିଚାର ବିରୋଧରେ ଓ ଆର୍ଥିକ ଅନଗ୍ରସର ପରିବାରଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସମିତିର ସଦସ୍ୟମାନେ କାର୍ଯ୍ୟ କରିବା ଉଚିତ ବୋଲି ସେମାନେ ମତ ଦେଇଥିଲେ। ବାହାନଗା ବ୍ଲକର ଗନ୍ଧିଣା ଗ୍ରାମରେ ଆର୍ଯ୍ୟବ୍ରହ୍ମ ପରିଷଦ ପକ୍ଷରୁ ଲକ୍ଷ୍ମୀଧର ମହାପାତ୍ରଙ୍କ ଦାନରେ ନିର୍ମାଣାଧୀନ ବ୍ରାହ୍ମଣ ସମିତି କାର୍ଯ୍ୟାଳୟର ପ୍ରତିଷ୍ଠା ଉତ୍ସବ ଓ ସପ୍ତଶତୀଚଣ୍ଡୀର ଶତାବୃତି ସହିତ ସାଧାରଣ ସଭା ଆସନ୍ତା ମାର୍ଚ୍ଚ ୧୬ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ବ୍ଲକ ସଭାପତି ଡ. ଯଦୁନାଥ ମିଶ୍ର ଜିଲ୍ଲା କମିଟି ଓ ସମସ୍ତ ବ୍ଲକ କମିଟିର କର୍ମକର୍ତ୍ତା ଯୋଗ ଦେବାକୁ ବୈଠକରେ ନିବେଦନ କରିଥିଲେ। ସମିତିର ଜିଲ୍ଲା ସମ୍ମିଳନୀ ଓ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ନିର୍ମାଣାଧୀନ ଗୃହ ଉଦଘାଟନ ଉତ୍ସବ ଆସନ୍ତା ମଇ ମାସ ଶେଷ ସପ୍ତାହରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାର ସମସ୍ତ ବିଧାୟକମାନଙ୍କୁ ଏହି ଉତ୍ସବରେ ଯୋଗ ଦେବାକୁ ଅନୁରୋଧ କରାଯିବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ଏହି ସମିତି ଏକ ଶତାୟୁ ଅନୁଷ୍ଠାନ ହୋଇଥିବାରୁ ପଞ୍ଜୀକୃତ ଉପବିଧିରେ ସଂଶୋଧନ ପ୍ରସ୍ତାବ ଉପରେ ନିଷ୍ପତ୍ତି ନେବାକୁ ଏକ ସବ୍‌କମିଟି ଗଠନ କରାଯାଇଛି। ଏହି ବୈଠକରେ ସର୍ବଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର, ନିରାକାର



ଦାଶ, ଭୃଗୁରାମ କର, ଅଭିମନ୍ୟୁ ପଣ୍ଡା, ନାରାୟଣ କର, ପୂର୍ଣ୍ଣଶ୍ଳୋକ ନନ୍ଦ, ରବି କୁମାର ପାଣିଗ୍ରାହୀ, ମାନସ କର, ପ୍ରଦୀପ କୁମାର ସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକ ପ୍ରାରମ୍ଭରେ ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିବା ବେଳେ ବୈଦ୍ୟନାଥ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ, ଶବରଖି ରାସ୍ତାରୋକ

**ଭୋଗରାଇ, ୧୯।୨(ସମିସ):** ଭୋଗରାଇ ବ୍ଲକ କଟୁଆଡି ପଞ୍ଚାୟତ ମୁକୁଳେଶ୍ୱରରେ ଧାନ ବିଲରେ କୀଟନାଶକ ସାର ପକାଉଥିବାବେଳେ ବିଦ୍ୟୁତ ଆଘାତରେ ଜନୈକ ଚାଷୀଙ୍କ ମୃତ୍ୟୁ ହୋଇଛି। ତେବେ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରି ଗ୍ରାମବାସୀ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥକୁ ଅବରୋଧ କରିଥିବା ଜଣାପଡ଼ିଛି।

ମୁକୁଳେଶ୍ୱରପୁର ଗ୍ରାମର ବେଣୁଧର ପ୍ରଧାନଙ୍କ ପୁଅ ସତ୍ୟନାରାୟଣ ମନୋରଞ୍ଜନ ଗିରିଙ୍କ ଚାଷ ଜମିରେ କୀଟନାଶକ ଓ ସାର ପକାଉଥିଲା ବେଳେ ପୂର୍ବରୁ ଛିଣ୍ଡି ପଡ଼ିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଗ୍ରାମର କିଛି ଲୋକ ବିଲରୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପରପକ୍ଷେ ବିଦ୍ୟୁତ୍ ବିଭାଗର ଖାମଖିଆଲି ନୀତି ପାଇଁ ଦିନ ମଜୁରିଆ ଗରିବ ଚାଷୀ ମୃତ୍ୟୁ ହୋଇଥିବା ଜମି ମାଲିକ ଅଭିଯୋଗ କରିଛନ୍ତି।

## ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

**ବାଲେଶ୍ୱର, ୧୯ ।୨(ସମିସ):** ୨୦୧୮ ମସିହାରେ ଏକ ଦୁଷ୍କର୍ମ ମାମଲାରେ ଆଡହକ ଆଡିସିନାଲ ଜିଲ୍ଲା ଓ ଦୌରାଜଜ ଅନୀତା ସାହୁ ୧୪ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାର କରି ଖଇରା ଥାନା ଅର୍ନ୍ତଗତ ତାଳମହୁରୀ ଗ୍ରାମର ଭରତ ଦାସକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୬ହଜାର ଟଙ୍କା ଜରିମା।ନା ଆଦେଶ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ହେଲେ ଅଧିକ ୧୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଭରତ ତାଙ୍କ ସମ୍ପର୍କୀୟ ଝିଅାରୀକୁ ଡାକି ନେଇ ଦୁଷ୍କର୍ମ କରିଥିଲା। ଘଟଣା ବାବଦରେ ପୀଡ଼ିତାଙ୍କ ପରିବାର ଲୋକେ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିବା ସହ ଭରତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏନେଇ ଆଜି ଜଜ୍ ବିଚାର କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଦୀପକ ଦାସ ପରିଚାଳନା କରୁଥିଲେ।

## ତାରକେଶ୍ୱର ଯଜ୍ଞ ମହୋତ୍ସବ ଉଦ୍‌ଘାଟିତ

**ବାଲେଶ୍ୱର, ୧୯।୨(ସମିସ):** ଖଇରା ବ୍ଲକ ଅଛୁତିପୁର ପଞ୍ଚାୟତ ଶିରିପୁର ବାସିନ୍ଦିପୁର ଠାରେ ୨୪ ତମ ବାବା ତାରକେଶ୍ୱର ଯଜ୍ଞ ଉଦଘାଟିତ ହୋଇଯାଇଛି। ଯଜ୍ଞ ର ପ୍ରଥମ ଦିବସରେ ବାବା ତାରକେଶ୍ୱରଙ୍କୁ ଜଳାଭିଷେକ କରାଯିବା ସହ ୨୭ ଯୋଗ ଯଜ୍ଞ ର ଆହୁତି ପ୍ରଦାନ କରାଯାଇଥିଲା। ପଣ୍ଡିତ ମୁକ୍ତିକାନ୍ତ ପାଢ଼ୀଙ୍କ ଆୟୋଜନରେ ପଣ୍ଡିତ ମଦନ ମୋହନ ପଣ୍ଡା, ଲକ୍ଷ୍ମୀକାନ୍ତ ଶନିବିଗ୍ରହ, ସନାତନ ଆଚାର୍ଯ୍ୟ, ବିଦ୍ୟାଧର ପାଢ଼ୀ, ଜଟିଆ ନନ୍ଦ ପ୍ରମୁଖ ବାବା ତାରକେଶ୍ୱରଙ୍କୁ ୧୦୮ ଜଳାଭିଷେକ



କରାଇଥିଲେ। ସନ୍ଧ୍ୟାରେ ତପ ଭୂମି ହରିଦ୍ୱାରରୁ ଆସିଥିବା ଜୋସନ୍ନା ବାଇଜିଙ୍କ ଦ୍ୱାରା ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା। ସଦସ୍ୟ ଦାମୋଦର ସାହୁ, ରତିକାନ୍ତ ବେହେରା, ଭଗବାନ ସାହୁ, ରାଜେନ୍ଦ୍ର ବେହେରା, ତୃପ୍ତିକାନ୍ତ ପାଢ଼ୀ, ଦୀପ୍ତିକାନ୍ତ ପାଢ଼ୀ, ତାପସ ବେହେରା, ବୈଦ୍ୟନାଥ ସାମଲ, କାଟିଆ ବେହେରା, ଦାମୋଦର ସାହୁ, ଜଗନ୍ନାଥ ବେହେରା, ଦୈତାରୀ ସାମଲ, ମହେନ୍ଦ୍ର ବେହେରା, ରତିକାନ୍ତ ବେହେରା, ହରିଶ କୁମାର ବେହେରା, କୈଳାଶ ବେହେରା, ଗୋବିନ୍ଦ ବେହେରା, ଦୀନବନ୍ଧୁ ପାଣିଗ୍ରାହୀ, ମୋହନ ରାଉତ, ରାଧାକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବିଭିନ୍ନ ବିଭାଗକୁ ନେଇ ଜିଲ୍ଲାପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ

ବାଲେଶ୍ୱର, ୧୯ ।୨(ସମିସ)

ଜିଲ୍ଲାପରିଷଦ ବୈଠକ ଅନୁଷ୍ଠିତ ହେବା ପୂର୍ବରୁ ଜିଲ୍ଲାର ବିଭିନ୍ନ ବିଭାଗକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶେଷ କରି ଡିଆଇସି, ଡିଆରସିସି, ଡିଏସଡବ୍ଲ୍ୟୁ ଆଦି ୧୦ଟି ବିଭାଗକୁ ନେଇ ଏହେି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ଉଦ୍ଦେଶ୍ୟ ହେଉଛି ଜିଲ୍ଲାପରିଷଦ ସଦସ୍ୟ ଏବଂ ପଞ୍ଚାୟତ ସମିତିର ଅଧ୍ୟକ୍ଷ ଅଧ୍ୟକ୍ଷାମାନେ ବିଭିନ୍ନ ସମ୍ପର୍କରେ ଅବଗତ କରାଇବା। ଜିଲ୍ଲାରେ ବିଭିନ୍ନ ବିଭାଗରେ କିଭଳି ଭାବେ ଚାଲିଛି କାର୍ଯ୍ୟ ଏବଂ ତାକୁ ତଦାରଖ କରିବା ସହ ବାଲେଶ୍ୱରକୁ କିପରି ଭାବେ ଆଗକୁ ନେବା ତା ଉପରେ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ




ବିଶେଷକରି ଡିଆଇସି ବିଭାଗ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବା ବେଳେ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକମାନଙ୍କୁ ସହଯୋଗ କରିଥାଏ। ଏପରିକି ଏହି ବିଭାଗରେ କୌଣସି ଉନ୍ନତି ମୂଳକ କାର୍ଯ୍ୟ ହେଉନଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଆଜି ଉକ୍ତ ବିଭାଗକୁ ବୈଠକକୁ ଡକାଯାଇଥିଲା। ୨୦୨୨ମସିହା ଠାରୁ ୨୦୨୫ମସିହା ପର୍ଯ୍ୟନ୍ତ ଯେତେଥର ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଛି ସେଥିରେ ଏହି ବିଭାଗ ବୈଠକକୁ ଆସି ନାହାନ୍ତି। ବିଶେଷ କରି ବ୍ଲକ, ପୌରପରିଷଦ ଏବଂ ଏନଏସିମାନଙ୍କରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏପରିକି ଡିଆଇସି ମାଧ୍ୟମରେ ଲୋକମାନେ କିପରି ଭାବେ ସରକାରୀ ଯୋଜନାର ଲାଭବାନ ହେବା ସହ କି ପ୍ରକାର ଯୋଜନା ସବୁ ଆସିଛି ତା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହାବ୍ୟତିତ ଆଗାମୀ ଦିନରେ କିଭଳି ଭାବେ ଶିଳ୍ପର ପ୍ରସାର ପ୍ରଚାର ହୋଇପାରିବା ସହ ବେକାରୀ ଯୁବକଯୁବତୀମାନେ କିଭଳି ଭାବେ ଅଧିକରୁ ଅଧିକ ରୋଜଗାରକ୍ଷମ ହୋଇ ପାରିବେ ସେନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଣୁ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରପରିଷଦ ଓ ଏନଏସିରେ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରସ୍ତାବ ନିଆଯାଇଛି। ଏ ନେଇ କାର୍ଯ୍ୟସୂଚୀ ତୁରନ୍ତ ପ୍ରଦାନ କରିବା ପାଇଁ ଉକ୍ତ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଏହାଛଡା ଅନ୍ୟାନ୍ୟ ବିଭାଗ ଉପରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଅନୁସୂୟା ପ୍ରଧାନ, ଏପିଡି କୌଶିକ ପାତ୍ର, ଡିପିଏମ ବନଜାକାନ୍ତ ମହାରୀ ପ୍ରମୁଖଙ୍କ ସହ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।

## ପୋଖରୀ ଖୋଳାରେ ଅନିୟମିତତା ଅଭିଯୋଗ



ରାଜଘାଟ, ୧୯।୨ (ସମିସ): ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅନିୟମିତତା ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ଅନ୍ତର୍ଗତ ନାବଦା ଗ୍ରାମରେ ଥିବା ଗ୍ରାମପଞ୍ଚାୟତ ପୋଖରୀକୁ ପୁନରୁଦ୍ଧାର ପାଇଁ ବ୍ଲକ ତରଫରୁ ଡବ୍ଲୁସି ୧୦୪୮୬୧୮୮ ନମ୍ବର ଅନୁଯାୟୀ ଆର୍ଥିକ ବର୍ଷ ୨୦୨୨/୨୩ ରେ ୯ ଲକ୍ଷ ଟଙ୍କା କାର୍ଯ୍ୟାଦେଶ ଥିବାବେଳେ ବିଭାଗିୟ ଯନ୍ତ୍ରୀ ଟ୍ରାକ୍ଟର ଓ ଜେସିବି ଦ୍ୱାରା କାର୍ଯ୍ୟ କରି ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଯାହାକି ଉକ୍ତ କାର୍ଯ୍ୟ ଜବ୍ କାର୍ଡଧାରୀଙ୍କୁ ନେଇ ଝୁଡ଼ି ଓ କୋଦାଳରେ କାର୍ଯ୍ୟ କରିବାର ନିୟମ ଥିବାବେଳେ ଯନ୍ତ୍ରୀ କିନ୍ତୁ ଯନ୍ତ୍ର ଚାଳିତ ଗାଡି ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ଭେଲୋରା ଗ୍ରାମ ପଞ୍ଚାୟତ ର ଗୌରୀ ଶଙ୍କର ଜେନା ସୋମବାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ଇ-ମେଲ୍ ମାଧ୍ୟମରେ ପ୍ରେରଣ କରିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ପ୍ରଶାନ୍ତ ପ୍ରାମାଣିକଙ୍କୁ ପଚାରିବାରୁ ୧ଲକ୍ଷ ଟଙ୍କା ଗ୍ରାମ ପଞ୍ଚାୟତ ପାଣ୍ଠିରୁ ଦିଆଯାଇଥିବା ଅର୍ଥରେ କେବଳ ପୋଖରୀ ଭିତରେ ଥିବା ପଙ୍କ ଉତ୍ତୋଳନ କରାଯାଇଥିବା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଠିକାଦାରଙ୍କୁ ଅହେତୁକ ଅନୁକମ୍ପା

# ଆରମ୍ଭ ହୋଇପାରୁନି ସାରଡାଙ୍ଗ-କୁଣ୍ଡି ରାସ୍ତା

ଖଇରା, ୧୯।୨ (ସମିସ)

ଶିଳାନ୍ୟାସକୁ ବର୍ଷେ ପୂରିଲାଣି। ତଥାପି ଖଇରା ଓ ସିମୁଲିଆ ୨ବ୍ଲକକୁ ସଂଯୋଗ କରୁଥିବା ସାରଡାଙ୍ଗ-କୁଣ୍ଡି ଭାୟା ବାରାକୁଟି ଆଦିବାସୀସାହି ରାସ୍ତା ନିର୍ମାଣ ଆରମ୍ଭ ହୋଇ ପାରିଲାନି। ସାମାନ୍ୟ ବର୍ଷା ହେଲେ ଗ୍ରାମବାସୀଙ୍କ ଅବସ୍ଥା କହିଲେ ନସରେ। ଗତ ବର୍ଷା ଋତୁରେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ରାସ୍ତାରେ କିଛି ମେଟାଲ ବିଛାଇ ଚଳପ୍ରଚଳର ବ୍ୟବସ୍ଥା କରିଥିଲେ। ପକ୍କାରାସ୍ତା ପାଇଁ ଗ୍ରାମବାସୀ ଡହଳବିକଳ ହେଉଥିବା ବେଳେ ରାସ୍ତାନିର୍ମାଣ ପ୍ରତି ଠିକାଦାରଙ୍କ ଗୁରୁତ୍ୱ ନାହିଁ। କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଗ୍ରାମବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିଦେବା ବଦଳରେ ଠିକାଦାରଙ୍କୁ ସୁହାଇବା ଭଳି ପଦକ୍ଷେପ ନେଉଥିବାରୁ ରାସ୍ତା ନିର୍ମାଣ ହୋଇ ପାରୁନଥିବା ନେଇ ଗ୍ରାମର ଜଗବନ୍ଧୁ ମାଝୀ, ବାବୁ ମାଝୀ, ଭୀମ ମାରାଣ୍ଡି, ମୁନା ମାଝୀ, ଶିବ ସୋରେନ, କାଳନ୍ଦି ମାଝୀ, ଲକ୍ଷ୍ମଣ ମାଝୀ ଅଭିଯୋଗ କରିଛନ୍ତି। ପାଖାପାଖି ୩ କିମି ରାସ୍ତା ପାଇଁ ୨କୋଟି ୬୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଗତ ୨୦୨୪ ଜାନୁଆରୀ ୨୩ ତାରିଖରେ ତତ୍କାଳୀନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରାସ୍ତାର ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର କିଛି ଦିନ ପରେ ଠିକ ବର୍ଷାଋତୁରେ ଠିକାଦାର ଜେସିବିରେ ରାସ୍ତାକୁ ତାଡିଦେଇ ଛାଡି ଦେବା ପରେ ଆଉ ନିର୍ମାଣ ପାଇଁ ପଦକ୍ଷେପ ନେଇ ନ ଥିଲେ। ଯେଉଁଥିପାଇଁ ବର୍ଷାଦିନେ ମିର୍ଜାପୁର, ବାରାକୁଟି, ସାରଡାଙ୍ଗ ଗ୍ରାମବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ଅଧିକ ମୁନାଫା ପାଇଁ ରାସ୍ତା ପିଚୁ ବଦଳରେ କଂକ୍ରିଟ କରିବା ଉଦ୍ଦେଶ୍ୟରେ ଏଷ୍ଟିମେଟ ବଦଳାଇବାକୁ ଠିକାଦାର ଜଣକ ଦୌଡାଦୌଡି ଆରମ୍ଭ କରିବା ପରେ ରାସ୍ତାକାମ ବନ୍ଦ ରହିଥିଲା। ଏବେ ରାସ୍ତା ନିର୍ମାଣରେ ଅନିଶ୍ଚିତତା ଦେଖାଦେଇଥିବା ବେଳେ ଉକ୍ତ ଠିକାଦାରଙ୍କ ଲାଇସେନ୍ସ ବାତିଲ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ସାହୁଙ୍କୁ ଯୋଗାଯୋଗ କରିବାରେ ରାସ୍ତାରେ ନଦୀଜଳ ପ୍ରବାହିତ ହେଉଥିବାରୁ ପିଚୁ ବଦଳରେ କଂକ୍ରିଟ ପାଇଁ ଦାବି ହୋଇଥିଲା। ଏବେ ଏଷ୍ଟିମେଟ ସଂଶୋଧନ କାମ ସରିଛି। ଖୁବ୍‌ଶିଘ୍ର ନିର୍ମାଣ ଆରମ୍ଭ ହେବ ବୋଲି ସେ କହିଛନ୍ତି।



## ରାସନ କାର୍ଡ ଫେରାଇଲେଣି ୧୧୬ ସରକାରୀ କର୍ମଚାରୀ

ଖଇରା, ୧୯।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକରେ ୧୩୪ ଜଣ ସରକାରୀ କର୍ମଚାରୀଙ୍କ ନାମରେ ରାସନକାର୍ଡ ଥିବା ବେଳେ ଏଥିମଧ୍ୟରୁ ୧୧୬ଜଣ ଏବେ ସୁଦ୍ଧା କାର୍ଡ ଫେରାଇଛନ୍ତି। ସେହିଭଳି ଆୟକର ଦେଉଥିବା ୧୧୬୫ ହିତାଧିକାରୀଙ୍କୁ କାର୍ଡ ଫେରାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏ ପର୍ଯ୍ୟନ୍ତ ୨୮ ଜଣ କାର୍ଡ ଫେରାଇଛନ୍ତି ଓ ୨୮ ଜଣ କାର୍ଡ ନ କାଟିବାକୁ ଦରଖାସ୍ତ ଦେଇଥିବା ଜଣାଯାଇଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ସୁଭାସିନୀ ସାହୁଙ୍କୁ ଯୋଗାଯୋଗ କରିବାରେ କାର୍ଡ ଫେରାଇବାକୁ ତାଗିଦ କରାଯିବ। ଯଦି ନଫେରାନ୍ତି ତେବେ ତଦନ୍ତ କରି କାର୍ଡ ବାତିଲ କରାଯିବ ବୋଲି କହିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

କମର୍ଦ୍ଦା, ୧୯।୨ (ସମିସ): ଗତକାଲି ବିଳମ୍ବିତ ରାତିରେ ୫୭ ନମ୍ବର ରାଜ୍ୟ ରାଜପଥ କମର୍ଦ୍ଦା ଛକ ନିକଟରେ ଏକ ଡମ୍ଫର ଜଣେ ବାଇକ୍ ଚାଳକକୁ ଧକ୍କା ଦେଇ ଦ୍ରୁତ ଗତିରେ ଖସି ପଳାଉଥିବା ବେଳେ ଭାରସାମ୍ୟ ହରାଇ ଡମ୍ଫରଟି ରାସ୍ତାକଡ଼ରେ ଥିବା କାଠ ଗଦାକୁ ଧକ୍କା ଦେଇ ଅଟକି ଯାଇଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତର ବାଇକ ଚାଳକକୁ ଉଦ୍ଧାର କରି କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ବାଇକ୍ ଚାଳକ ଜଣକ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ କମର୍ଦ୍ଦା ପୁଲିସ ପହଞ୍ଚି ତଦନ୍ତ କରୁଛି। ମୃତ ବାଇକ ଚାଳକ ଜଣକ ଭୋଗରାଇ ବ୍ଲକ ପଳାସିଆ ଗ୍ରାମର ସଞ୍ଜୟ କୁମାର ନନ୍ଦୀ (୪୭)। ସେ ଘରୁ ଜଳେଶ୍ୱର ତାଙ୍କ ଭିଣୋଇଙ୍କୁ ଆଣିବା ପାଇଁ ଯାଉଥିଲେ। ଜଳେଶ୍ୱର ପଟୁ ଡମ୍ଫରଟି ଚନ୍ଦନେଶ୍ୱର ଆସୁଥିଲାବେଳେ କମର୍ଦ୍ଦା ଛକ ପାରି ହୋଇ କମର୍ଦ୍ଦା କଲେଜ ଛକ ପୂର୍ବରୁ ବାଇକ୍ ଚାଳକଙ୍କୁ ଧକ୍କା ଦେଇଥିଲା।

## ୩ ଲକ୍ଷ ଟଙ୍କା ସହ ସୁନାଗହଣା ଚୋରି

କମର୍ଦ୍ଦା, ୧୯।୨ (ସମିସ): ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଅନ୍ତର୍ଗତ କମର୍ଦ୍ଦା ବଜାର ନିକଟରେ ଗତକାଲି ବିଳମ୍ବିତ ରାତିରେ ବ୍ୟବସାୟୀଙ୍କ ଘରର ତାଲା ଭାଙ୍ଗି ୩ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ସମେତ ସୁନା ଗହଣା ଏବଂ ଆସବାବପତ୍ର ଲୁଟି ନେଲେ ଦୁର୍ବୃତ୍ତ।

ପରିବାର ଲୋକେ କୁଣିଆ ଘରକୁ ଯାଇଥିବା ସୁଯୋଗ ନେଇ ଘରର ତାଲା ଭାଙ୍ଗି ହୋଇଛି ଲୁଟ୍। ସୂଚନା ଅନୁଯାୟୀ କଲ୍ୟାଣପୁର ଗ୍ରାମର ରଞ୍ଜିତ ଦାସ ପରିବାର ସହ କମର୍ଦ୍ଦା ବଜାର ନିକଟରେ ଘର ଭଡା ନେଇ ରୁହନ୍ତି। ଗତକାଲି ପରିବାର ଲୋକ କୌଣସି କାର୍ଯ୍ୟରେ ବାହାରକୁ ଯାଇ ଥିବା ବେଳେ ରାତି ରେ ଘରକୁ ଫେରି ନଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଆଲମାରିରେ ଥିବା ନଗଦ ଟଙ୍କା ଏବଂ ସୁନା ଗହଣା ଲୁଟ କରିଛନ୍ତି। ସକାଳେ ପଡୋଶୀ ଲୋକ ଘରର ତାଲା ଭାଙ୍ଗି ପଡ଼ିଥିବା ଦେଖି ଘର ମାଲିକ ଏବଂ କମର୍ଦ୍ଦା ପୁଲିସକୁ ଖବର ଦେଇ ଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ଭୋଗରାଇ ବ୍ଲକ

## ୨୨ କେନ୍ଦ୍ରରେ ୩୫୬୧ ପରୀକ୍ଷାର୍ଥୀ

ଭୋଗରାଇ, ୧୯।୨(ସମିସ) : ଭୋଗରାଇ ବ୍ଲକରେ ଆସନ୍ତା ୨୧ତାରିଖରେ ମୋଟ ୩୫୬୧ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ। ସେଥିପାଇଁ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ୨୨ଟି ପରୀକ୍ଷାକେନ୍ଦ୍ର ପ୍ରସ୍ତୁତ କରାଯାଇଛି।ସେହିପରି ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ୮ଟି ପରୀକ୍ଷା କେନ୍ଦ୍ରରେ ଏ ଆଇ କ୍ୟାମେରା ଲଗାଇବା ନେଇ ସୂଚନା ମିଳିଛି। ସେହିପରି ନୋଡାଲ କେନ୍ଦ୍ର ଭାବେ ଭୋଗରାଇ ଓ କମର୍ଦ୍ଦା ହାଇସ୍କୁଲରେ ପ୍ରଶ୍ନପତ୍ର ରହିବାର ବ୍ୟବସ୍ଥା ହୋଇଛି। ସେଠାରେ ବୋର୍ଡ ପକ୍ଷରୁ ମଧ୍ୟ ଏଆଇ କ୍ୟାମେରା ଲଗାଯାଇଛି। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ରହୁଥିବା ବିଦ୍ୟାଳୟ ଗୁଡିକରେ ସ୍ୱତନ୍ତ୍ର ପୁଲିସ ବାହିନୀକୁ ନିୟୋଜିତ କରାଯିବାର ବ୍ୟବସ୍ଥା କରାଯାଇଥିବା ବେଳେ ପରୀକ୍ଷା ଚାଲିଲା ବେଳେ ବିଡିଓ, ତହସିଲଦାର, ବିଇଓ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପରିଦର୍ଶନ କରିବେ ବୋଲି ସୂଚନା ମିଳିଛି।

## ଅବକାରୀ ଚଢ଼ଉ, ଜଣେ ଗିରଫ



ସୋର, ୧୯।୨(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ, ୟୁନିଟ -୨ ତରଫରୁ ନାୟକବନ୍ଧ ଛକ ନିକଟରେ ଚଢ଼ଉ କରାଯାଇ ବାଇକ ସହ ଦେଶୀମଦ ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଅବକାରୀ କମିଶନର ନରସିଂହ ଭୋଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଡେପୁଟି କମିଶନର ଡମ୍ବରୁଧର ଖଣ୍ଡାଙ୍କ ତତ୍ତ୍ୱାବଧାନରେ ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ ଆଜି ମଧ୍ୟାହ୍ନରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିଲେ। ଏହି ସମୟରେ ବାହାନଗାରୁ ସୋର ଅଭିମୁଖେ ଆସୁଥିବା ଏକ ବାଇକକୁ ଏହି ଟିମ୍ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ୬୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ସହ ମଦକୁ ଜବତ କରି ତାହାରପୁର ଗ୍ରାମର ଦିବାକର ମଲିକକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ସନ୍ଧ୍ୟାରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ ଶ୍ରୀଧର ପଲେଇ, କନେଷ୍ଟବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ, ଜଗନ୍ନାଥ ନାୟକ, ଯୋଗେନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଦେଶୀମଦ ଜବତ, ଦୁଇ ଗିରଫ



ସୋର, ୧୯।୨(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଜବତ କରିଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ କାଛଗଡ଼ିଆ ଗ୍ରାମରେ ଚଢ଼ଉ କରି ଶଶୀକାନ୍ତ ପଣ୍ଡା ନିକଟରୁ ୮୦ ଲିଟର ଦେଶୀମଦ ଏବଂ ଗୁଡ଼ ଗ୍ରାମରେ ଚଢ଼ାଉ କରି ସନାତନ ରାଉଳ ନିକଟରୁ ୭୦ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

## ଚାଲନ୍ତିରେ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ



ରାଜଘାଟ, ୧୯।୨ (ସମିସ): ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଚାଲନ୍ତି ଗ୍ରାମରେ ବାବା ସୁବର୍ଣ୍ଣେଶ୍ୱରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଅବସରରେ ଏକ ବିରାଟ କଳସ ଶୋଭା ଯାତ୍ରା ଓ ହୋମ ଯଜ୍ଞ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ପ୍ରାତରୁ ଉଠି ରାଜଘାଟସ୍ଥିତ ବାରୁଣୀ ଘାଟରୁ ବୁଡ଼ ପକାଇ ଏକ ବିରାଟ ପଟୁଆରରେ ଘଣ୍ଟ ଝାଲି ମୃଦଙ୍ଗର ତାଳେ ତାଳେ କଳସ ଶୋଭା ଯାତ୍ରାରେ ସାମିଲ ହୋଇ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମର ସଭାପତି ହରିଶ ଚନ୍ଦ୍ର ଜେନା, ଉପସଭାପତି ଅଜୟ ଜେନା, ସମ୍ପାଦକ ଭଗିରଥ ଦଳାଇ, ସହ ସମ୍ପାଦକ ମନୋରଞ୍ଜନ ଜେନା ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଜଳେଶ୍ୱର, ୧୯।୨ (ସମିସ): ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଡ. ଅଜିତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଉକ୍ତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ତଥା ଉପାନ୍ତ ସାହିତ୍ୟର ଜାଗ୍ରତ ପ୍ରହରୀ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀ ଆଗାମୀ ବୋର୍ଡ ପରୀକ୍ଷାରେ ସାଧନା ରୁ ସିଦ୍ଧି ପ୍ରାପ୍ତ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ।ସହକାରୀ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ, ସଞ୍ଜୟ କୁମାର ପାକଳ, ଗଣିତ ଶିକ୍ଷକ ରାଜେଶ ଦାସ, ଶିକ୍ଷୟିତ୍ରୀ ଆର ମୋଲିନା, ମୌସୁମୀ ଗୁପ୍ତା, ସୁଜିତ ସିଟ୍ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଞ୍ଜିବ ଗିରି, କମଳାକାନ୍ତ ସାମଲ, ପୂର୍ଣ୍ଣଚନ୍ଦ୍ର ଗିରି, ତ୍ରିଦୀପ ପାଣିଗ୍ରାହୀ, ମଞ୍ଜୁଲତା ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ସଞ୍ଜୟ କୁମାର ପାକଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ପିଲାଙ୍କୁ ଭଲ ମଣିଷ କରି ଗଢ଼ିବାର ମାନସିକତା ରଖନ୍ତୁ ଅଭିଭାବକ'




ପଞ୍ଚୁଘଣ୍ଟା ବିଦ୍ୟାଳୟ




ବର୍ଦ୍ଧନା ସରକାରୀ ଉପ୍ରା ବିଦ୍ୟାଳୟ



ଗୁରୁଦାସପୁର ଉନ୍ନୀତ ଉ.ପ୍ରା ବିଦ୍ୟାଳୟ

ଜଳେଶ୍ୱର/ରାଇବଣିଆ/ରାଜଘାଟ, ୧୯।୨ (ସମିସ)

ଜଳେଶ୍ୱର ମ୍ୟୁନିସିପାଲଟି ଅଧିନସ୍ଥ ୧୯୫୫ ମସିହାର ସ୍ଥାପିତ ପଞ୍ଚୁଘଣ୍ଟା ସରକାରୀ ୟୁଜିୟୁପି ବିଦ୍ୟାଳୟର ୭୦ ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହମ୍ମଦ ଜାଭେଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ପୌର ପରିଷଦର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ମୁଖ୍ୟଅତିଥି, ଜଳେଶ୍ୱର ବିଧାୟକ ପ୍ରାର୍ଥୀ ତଥା ଜଳେଶ୍ୱର ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବାର୍ଷିକ ଉତ୍ସବର ସାରମର୍ମ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଂସଦ ପ୍ରତିନିଧି ଫାଲଗୁନି ପାଣିଗ୍ରାହି, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ୮ ନମ୍ବର କାଉନସିଲର ଚିତ୍ତରଞ୍ଜନ ମହାନ୍ତି, ପରିଚାଳନା କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ, ଗୋପ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ସୁବେଶ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ ଅତିଥି ମାନଙ୍କୁ 'ସ୍ୱର୍ଗତ ଯତୀନ୍ଦ୍ର ନାଥ ମହାନ୍ତି ସମ୍ମାନରେ ସମ୍ବର୍ଦ୍ଧିତ କରା ଯାଇଥିଲା। ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଶେଷରେ ପରିଚାଳନା କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଂଧ୍ୟାରେ ବିଶିଷ୍ଟ ସମାଜସେବୀ ଗୌରୀ ଶଙ୍କର ମାହାନ୍ତି ଓ ଉମାକାନ୍ତ ଜେନା ସାଂସ୍କୃତିକ କାର୍ଯ୍ୟକ୍ରମକୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ।

**ବର୍ଦ୍ଧନା ସରକାରୀ ଉପ୍ରା ବିଦ୍ୟାଳୟ :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ଦ୍ଧନା ସରକାରୀ ଉ:ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବର୍ଦ୍ଧନା ସରପଞ୍ଚ ମଧୁସ୍ମିତା ବେହେରା, ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଶଶିକାନ୍ତ ପ୍ରଧାନ, ସମ୍ମାନୀତ ଅତିଥି ଭାବେ ସମିତି ସଭ୍ୟ ତ୍ରିଲୋଚନ ଦାସ, ସାମ୍ବାଦିକ ଭୂପତି କୁମାର ପରିଡ଼ା ଓ ବରିଷ୍ଠ ସମାଜସେବୀ ରବୀନ୍ଦ୍ର ନାଥ ବେହେରା ପ୍ରମୁଖ ଅତିଥି ମାନେ ମଞ୍ଚରେ ଉପସ୍ଥିତ ହୋଇ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟ ସଦସ୍ୟାଙ୍କ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ତପନ କୁମାର ସିଂ ମଞ୍ଚ ଆହ୍ୱାନ କରିଥିବା ବେଳେ ସହକାରୀ ଶିକ୍ଷକ ରାଜୀବ କୁମାର ସୀଟ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ତପନ ସିଂ, ରାଜୀବ ସୀଟ, ମିନତୀ ମିଶ୍ର, ଲକ୍ଷ୍ମୀପ୍ରିୟା ସାହୁ, ପୁଷ୍ପିତା ଦେ, ଶେଖର ପ୍ରଧାନ, ଓ ହେମାଙ୍ଗିନୀ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ସୁମିତ୍ରା ମହାପାତ୍ର, ଆଶାକର୍ମୀ ମିନର୍ଭା ସାମଲଙ୍କ ସହ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଓ ଅଭିଭାବକ ଉପସ୍ଥିତ ଥିଲେ।

**ଗୁରୁଦାସପୁର ଉନ୍ନୀତ ଉ.ପ୍ରା ବିଦ୍ୟାଳୟ :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତସ୍ଥିତ ଗୁରୁଦାସପୁର ଉନ୍ନୀତ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟ ଶିକ୍ଷା କମିଟିର ସଭାପତି ଗୋପାଳ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେନ୍ଦ୍ର ନାଥ ବେହେରା ସଭା ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇ ଥିଲେ। ସମିତି ସଦସ୍ୟ ଗୋପାଳ ଚନ୍ଦ୍ର ସାମଲ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସିଆରସିସି ଗୌରୀଶଙ୍କର ପରିଡ଼ା, ସମାଜସେବୀ ଜୟନ୍ତ କୁମାର ଦାସ ଅଧିକାରୀ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ ଶିବ ପ୍ରସାଦ ଭୂୟାଁ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଶିକ୍ଷକ ଗାଲୁ କିସକୁ, ଶିକ୍ଷୟିତ୍ରୀ ଜୟନ୍ତୀ ଦେ, ପ୍ରତିମା ମହାନ୍ତି ଏବଂ ଶିବାନୀ ଦଳେଇ ପ୍ରମୁଖଙ୍କ ସହିତ ଶିକ୍ଷା କମିଟିର ସଦସ୍ୟ/ସଦସ୍ୟା ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ସରକାତିଆ ପ୍ରାଥମିକ ବିଦ୍ୟାଳୟ :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ସାଧନ କେନ୍ଦ୍ର ଅଧୀନ ସରକାତିଆ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ପ୍ରବୀର କୁମାର ଦତ୍ତ, ମୁଖ୍ୟବକ୍ତା ଭାବେ ନାମ୍ପୋ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଚନ୍ଦ୍ର ମୋହନ କୋଇଲା, ସମ୍ମାନିତ ଅତିଥି ଭାବେ ସମ୍ପତିଆ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଶ୍ରୀ ସବିତା ପାଠୀ, ପରିଚାଳନା କମିଟିର ସଭାପତି ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଜିଜ୍ଞାସା ପାଠୀ ଶ୍ରୀଜଗନ୍ନାଥଙ୍କ ସ୍ତୁତି ପଠନ କରିଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ ପୁରସ୍କାର ପ୍ରଦାନ କରା ଯାଇଥିଲା। ଶିକ୍ଷୟତ୍ରୀ କ୍ରିଷ୍ଣା କୁମାରୀ କର ଧନ୍ୟବାଦ୍ ଅର୍ପଣ କରିଥିଲେ।




ରାମଚନ୍ଦ୍ରପୁର ବିଦ୍ୟାଳୟ

**ରାମଚନ୍ଦ୍ରପୁର ବିଦ୍ୟାଳୟ:** ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅଧିନସ୍ଥ ରମଚନ୍ଦ୍ରପୁର ସରକାରୀ ୟୁଜିୟୁପି ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବସ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାବେଳେ ସହକାରୀ ଶିକ୍ଷକ ଧର୍ମେନ୍ଦ୍ର କୁମାର ଦାସ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାସନ୍ତୀ ପୃଷ୍ଟି, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ବିପିନ ବିହାରୀ ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, ଆର କେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଦତ୍ତ ଓ ସମ୍ମାନୀୟ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷକ ନିର୍ମଳ ଚନ୍ଦ୍ର ଦାସ, ଅଚ୍ୟୁତାନନ୍ଦ ମହାନ୍ତି, ପ୍ରଶାନ୍ତ କୁମାର ପ୍ରଧାନ, ନାରାୟଣ କିଷ୍କୁ, ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ରବୀନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ଗଢି ତୋଳିବାର ମାନସିକତା ରଖିବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଗୋଛାୟତ ମଞ୍ଚ ଆହ୍ୱାନ କରିଥିବାବେଳେ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସିଂ ଅତିଥି ପରିଚୟ, ଅଞ୍ଜଳୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସମାପ୍ତି ଦାସ ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

